# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th August – 2026**

***************************************

## ମୁଖ୍ୟ ସମ୍ବାଦ

- ସଂସଦରେ ଗୃହୀତ ହେଲା ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ବିଲ୍‌-୨୦୨୬ ।

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ବୈଠକ ।

- ନୂଆଦିଲ୍ଲୀ ଓ ଗୁରୁଗାଓଁରେ ଆସନ୍ତାକାଲିଠାରୁ ହେବ ଓଡ଼ିଶା ନିବେଶକ ସମ୍ମିଳନୀ; ଯୋଗଦେବେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ୧୧ ଗିଗାୱାଟ୍‌ ଅକ୍ଷୟଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି ସରକାର ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବା ନେଇ ପାଣିପାଗ କେନ୍ଦ୍ରର ଆକଳନ ।

*News Pool*

# ରାଜ୍ୟସଭା – ସୁପ୍ରିମକୋର୍ଟ ବିଲ୍

ସଂସଦରେ ଆଜି ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ବିଲ୍ ୨୦୨୬ ଗୃହୀତ ହୋଇଛି । ରାଜ୍ୟସଭାରେ ଏହି ସଂଶୋଧନ ବିଲ୍ ସମ୍ପର୍କରେ ଆଜି ଆଲୋଚନା ହେବା ପରେ ଏହା ଗୃହୀତ ହୋଇଛି । ଲୋକସଭାରେ ଗତ ସୋମବାର ଏହି ବିଲ୍ ଗୃହୀତ ହୋଇସାରିଛି । ଏହି ବିଲ୍‌ରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଆଇନ୍ ୧୯୫୬ ସଂଶୋଧନ କରାଯାଇଛି । ଫଳରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ରୁ ପ୍ରଧାନ ବିଚାରପତିଙ୍କ ବ୍ୟତିରକେ ୩୭କୁ ବୃଦ୍ଧି ପାଇବ । ଗତ ମେ’ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭ କରିବା ଲାଗି ଅଧ୍ୟାଦେଶ ଜାରି କରିଥିଲେ ।

*Desk*

# ରାଷ୍ଟ୍ରପତି – ଦିଲ୍ଲୀ ପ୍ରତ୍ୟାବର୍ତ୍ତନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ଆଜି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତ ଅବସରରେ ରାଷ୍ଟ୍ରପତି କଟକ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗଞ୍ଜାମ ଗସ୍ତ କରି ତପ୍ତପାଣିଠାରେ ମା’ କନ୍ଧୁଣୀଦେବୀ ଓ

ଶିବଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳ ସମୟରେ ରାଷ୍ଟ୍ରପତି ଗୋପାଳପୁର ନିକଟବର୍ତ୍ତୀ ଧବଳେଶ୍ୱର ଶୈବପୀଠ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଗଞ୍ଜାମ ଗସ୍ତ ଶେଷ କରି ସକାଳ ୧୦ଟା ୨୦ ମିନିଟ୍‌ରେ ରାଷ୍ଟ୍ରପତି ବ୍ରହ୍ମପୁର ରେଳଷ୍ଟେସନ୍‌ରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ପରେ ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

***BBSR/R***

# ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭାରତ ଚଳିତ ବର୍ଷ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଏହି କ୍ରମରେ ଆଜିଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଆରମ୍ଭ ହୋଇଛି। ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀ ଓ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରୁଛନ୍ତି । ଆସନ୍ତାକାଲି ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷାମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ ।

*BBSR/R*

# ନିବେଶକ ସମ୍ମିଳନୀ

ନୂଆଦିଲ୍ଲୀ ଓ ଗୁରୁଗାଓଁରେ ଆସନ୍ତାକାଲିଠାରୁ ଓଡ଼ିଶା ନିବେଶକ ସମ୍ମିଳନୀ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀରେ ରାଜ୍ୟରେ ନୂତନ ପୁଞ୍ଜିନିବେଶପାଇଁ ଶିଳ୍ପପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏଥିରେ ସରକାରଙ୍କ ଶିଳ୍ପାନୁକୂଳ ନୀତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯିବ । ସମ୍ମିଳନୀରେ ଖାଦ୍ୟ ପ୍ରକ୍ରିୟାକରଣ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ବୟନଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ନିବେଶପାଇଁ ଅଧିକ ଗୁରୁତ୍ୱ ଦିଆଯିବ ।

*Desk*

# ସଂଶୋଧିତ ପାଠ୍ୟପୁସ୍ତକ

ସଂଶୋଧିତ ପାଠ୍ୟପୁସ୍ତକକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି । ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ମତାମତ ଆଧାରରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ସଂଶୋଧନ ଜାରି ରହିଛି । ଖୁବ୍‌ଶୀଘ୍ର

ସଂଶୋଧିତ ପୁସ୍ତକ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରାଯାଇଛି ।

***Desk***

# ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନ ପରିସରରେ ଅମୃତ ଉଦ୍ୟାନକୁ ଜନସାଧାରଣଙ୍କ ଲାଗି ଆସନ୍ତା ୧୬ ତାରିଖରୁ ଖୋଲାଯିବ । ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଦ୍ୟାନ ବୁଲି ଦେଖିବାର ସୁଯୋଗ ପାଇବେ । ତେବେ ପ୍ରତି ସୋମବାର ଉଦ୍ୟାନର ରକ୍ଷଣାବେକ୍ଷଣ କାର୍ଯ୍ୟ ଥିବାରୁ ଏହା ବନ୍ଦ ରହିବ । ଅମୃତ ଉଦ୍ୟାନ ବୁଲି ଦେଖିବା ଲାଗି କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ଏକ ବିବୃତ୍ତିରେ କୁହାଯାଇଛି ।

***Sambalpur/R***

# ପ୍ରତ୍ନତତ୍ତ୍ୱ ବିଭାଗ - ସମଲେଶ୍ୱରୀ ମନ୍ଦିର

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏକ ପ୍ରତିନିଧି ଦଳ ଆଜି ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ମନ୍ଦିର ପରିଦର୍ଶନ କରି ଏହାର ସ୍ଥିତି ନିରୀକ୍ଷଣ କରିଛନ୍ତି ।

ମନ୍ଦିର ମୁଖଶାଳା ସମ୍ମୁଖରେ ଥିବା ଫାଟକ ଉପରେ ପାଣି ଗଳୁଥିବା ସେମାନେ ଅନୁଧ୍ୟାନ କରିଛନ୍ତି । ଗତ ୨୯ ତାରିଖରେ ସମ୍ବଲପୁର ଜିଲ୍ଲାପାଳ ପର୍ଯ୍ୟଟନ ବିଭାଗକୁ ଏ ସମ୍ପର୍କରେ ଚିଠି ଲେଖିବା ପରେ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ଚାରିଜଣିଆ ଟିମ୍ ମନ୍ଦିର ସ୍ଥିତି ଯାଞ୍ଚ୍ କରିଛନ୍ତି ।

***BBSR/R***

# ଅକ୍ଷୟ ଶକ୍ତି

ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱରଠାରେ ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନ୍ୟୁଫ୍ୟାକ୍‌ଚର୍ସ ଆସୋସିଏସନ୍ - IEEMA ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା' ଦେଶର ଶକ୍ତି ପ୍ରଗତିର ଇଞ୍ଜିନ ଭାବେ ସ୍ୱଚ୍ଛଶକ୍ତି ଓ ଶିଳ୍ପ ବିକାଶକୁ ଦ୍ରୁତଗତିରେ ଆଗେଇ ନେଉଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାରେ ରାଜ୍ୟରେ ଆଧୁନିକ ସ୍ମାର୍ଟ ଗ୍ରିଡ୍, ଡିଜିଟାଲ୍ ସବ୍‌ଷ୍ଟେସନ୍ ଏବଂ ଏ.ଆଇ. ସକ୍ଷମ ବ୍ୟବସ୍ଥା ମାଧ୍ୟମରେ ଶକ୍ତିକ୍ଷେତ୍ରକୁ ଅଧିକ ମଜବୁତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାରେ ବର୍ତ୍ତମାନ ୧୦ ଲକ୍ଷ କୋଟି ଟଙ୍କାର ନିବେଶ କାର୍ଯ୍ୟକ୍ରମ ଜାରି ରହିଛି ।

ରାଜ୍ୟର ଉନ୍ନତ ଭିତ୍ତିଭୂମି ଓ ନିବେଶ ଅନୁକୂଳ ନୀତିପାଇଁ ଓଡ଼ିଶା' ଶିଳ୍ପ ଏବଂ ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠସ୍ଥାନ ପାଲଟି ବୋଲି ଶ୍ରୀ ସିଂହଦେଓ କହିଛନ୍ତି । ଓଡ଼ିଶାରେ ଉତ୍ପାଦନ, ନବଉନ୍ମେଷ ଓ ନିବେଶ କରିବାକୁ ଶିଳ୍ପପତି ଓ ନିବେଶକଙ୍କୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ ।

***Puri/R***

# ରାଜସ୍ୱ ମନ୍ତ୍ରୀ - ପୁରୀ ଗସ୍ତ

ଚଳିତ ବର୍ଷ ୬୦ ପ୍ରତିଶତରୁ ଅଧିକ ବୃଷ୍ଟିପାତ ଯୋଗୁଁ ରାଜ୍ୟର ୨୨ଟି ଜିଲ୍ଲା ପ୍ରଭାବିତ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କରିଛନ୍ତି । ପୁରୀ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତକରି ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲା ବିଶେଷ ଭାବେ ବନ୍ୟାରେ ପ୍ରଭାବିତ ହୋଇଛି । ତେବେ ଜଳସମ୍ପଦ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟ ଓ ବୈଜ୍ଞାନିକ ପଦ୍ଧତିର ଉପଯୋଗ ଯୋଗୁଁ ବନ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି । ମହାନଦୀର ବନ୍ୟାଜଳଦ୍ୱାରା ଖୋର୍ଦ୍ଧା, ପୁରୀ ଓ ଜଗତ୍‌ସିଂହପୁର ପ୍ରଭାବିତ ହୋଇଛି । ପୁରୀ ଜିଲ୍ଲାର ୫ଟି ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ ୩୪୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ

କରାଯାଇଥିଲା । କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Desk***

# ଅଗ୍ନିଶମ - କ୍ଷତିପୂରଣ

ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୨୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଏଥିସହିତ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରିର ନିଯୁକ୍ତ ପତ୍ର ମଧ୍ୟ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

***Desk***

# ସ୍ୱାଧୀନତା ଦିବସ - ପ୍ରସ୍ତୁତି

ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନକୁ ନେଇ ଭୁବନେଶ୍ୱରଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା

ବୈଠକରେ ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସ ପାଳନର ସମସ୍ତ କାର୍ଯ୍ୟସୂଚୀ ଉପରେ ବିବରଣୀ ରଖିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ।

***Nayagarh/R***

## ପୋକ୍ସୋ

ନୟାଗଡ଼ ଜିଲ୍ଲାରେ ବିଚାରାଧୀନ ପୋକ୍‌ସୋ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ସହ ଶୀଘ୍ର ଅଭିଯୋଗ ଫର୍ଦ୍ଦ ଦାଖଲ ଉପରେ ନୟାଗଡ଼ ଏସ୍.ପି. ଶୁଭେନ୍ଦୁ କୁମାର ପାତ୍ର ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାରେ ରହିଥିବା ଏ ସଂକ୍ରାନ୍ତ ବିଭିନ୍ନ ମାମଲାର ତଦନ୍ତର ଅଗ୍ରଗତି, ବର୍ତ୍ତମାନର ସ୍ଥିତି ଓ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଏସ୍.ପି. ଆଲୋଚନା କରିଛନ୍ତି ।

***Nayagarh/R***

## ଜିଲ୍ଲାପାଳ - ସମୀକ୍ଷା

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳକୁ ଗସ୍ତକରି ଶିକ୍ଷା, ଶିଶୁବିକାଶ, ଜୀବିକା ଓ ଜନସେବା କାର୍ଯ୍ୟର ଅଗ୍ରଗତି

ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଗ୍ରାମାଞ୍ଚଳରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଲୋକଙ୍କୁ ମିଳୁଥିବା ସେବାର ମାନ ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ ।

***Boudh/R***

# ଏସ.ଆଇ.ଆର୍.

ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. କାର୍ଯ୍ୟ ଯାଞ୍ଚ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ୧୨ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ - ଏ.ଇ.ଆର୍.ଓ.ଙ୍କୁ ନିଯୁକ୍ତ କରାଯାଇଛି । ୪୦ ହଜାର ୫ ଶହ ନୋଟିସ୍ ମଧ୍ୟରୁ ୩୮ ହାଜର ୮୨୧ଟି ନୋଟିସ ସଫଳତାର ସହ ବିତରଣ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାର ୧ ହଜାର ୪୮୦ଟି ଦାବି ଓ ଆପତ୍ତିର ଶୁଣାଣି ଶେଷ ହୋଇଥିବା ଜଣାପଡ଼ିଛି ।

***Sonepur/R***

# କୁଷ୍ଠରୋଗ ଚିହ୍ନଟ ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ

ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ  ଅନୁଷ୍ଠିତ ବୈଠକରେ କୃଷ୍ଣରୋଗର ଚିହ୍ନଟ ଓ ଏହାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ଅଭିଯାନ ଆସନ୍ତା ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବ ।

***Kendrapara/R***

# କୃମିନାଶକ ଅଭିଯାନ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶିକ୍ଷା, ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଜିଲ୍ଲା କଲ୍ୟାଣ ବିଭାଗ ସହଯୋଗରେ ଆସନ୍ତା ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ କୃମିନାଶକ ଅଭିଯାନ ପାଳନ କରାଯିବ । ଏଥିରେ ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର କିଶୋରୀ ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରତ୍ୟେକଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ ।

***Nayagarh/R***

# ପୋଶ୍ ସଚେତନତା

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ

ଯୌନ ନିର୍ଯାତନା ନିବାରଣ ଆଇନ - ପୋଶ୍ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିଳା ସଶକ୍ତୀକରଣ ସମ୍ପର୍କିତ "ଶକ୍ତିଶ୍ରୀ" ବିଷୟ ଉପରେ ବିଶେଷ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାଧିକରଣର କର୍ମକର୍ତ୍ତା, ମହାବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

***Met. O.***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟବର୍ତ୍ତୀ ବାୟୁମଣ୍ଡଳର ଉପରିଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଗଜପତି ଆଦି କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

******